# NATIONAL NEWS BULLETIN (ODIA)

## 15 March - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନାଗରୀକ ସଂଶୋଧନ ଆଇନ୍ ୨୦୧୯ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।
- ଫେବୃୟାରୀ ମାସରେ ଭାରତର ରପ୍ତାନୀ ୭ହଜାର ୩୫୫ କୋଟି ଡଲାର୍ ରହିଛି ।
- ସରକାର ନୂଆ ଇଲେକ୍ଟ୍ରିକ୍ ଯାନ ନୀତି ପ୍ରଣୟନ କରିଛନ୍ତି ।
- ବିଶ୍ୱ ଖାଉଟି ଦିବସ ଅବସରରେ ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋୟଲ୍ ୨୨ଟି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ମୂଲ୍ୟ ତଦାରଖ ଡ୍ୟାସ୍ ବୋର୍ଡ୍‌ର ଶୁଭାରମ୍ଭ କରିଛନ୍ତି ।

ଏବଂ

- ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି ନୂଆଦିଲ୍ଲୀରେ ଏଥନଲ୍ 100 ବିକଳ୍ପ ଇନ୍ଧନର ଶୁଭାରମ୍ଭ କରିଛନ୍ତି ।

# ଏମ୍.ଇ.ଏ.-ସି.ଏ.ଏ.

ବୈଦେଶିକ ମନ୍ତ୍ରଣାଳୟ କହିଛି, ନାଗରୀକ ସଂଶୋଧନ ଆଇନ୍ ୨୦୧୯ ଭାରତର ଆଭ୍ୟନ୍ତରୀଣ ବ୍ୟାପାର । ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ଏହି ଆଇନ୍ ଆଫ୍‌ଗାନିସ୍ତାନ, ପାକିସ୍ତାନ ଓ ବାଙ୍ଗଲାଦେଶର ଅତ୍ୟାଚାରିତ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବ । ଯେଉଁମାନେ ୨୦୧୪ ଡିସେମ୍ବର ୩୧ ତାରିଖ ପୂର୍ବରୁ ଭାରତକୁ ଆସିଛନ୍ତି ସେମାନେ ଏହି ସୁରକ୍ଷା ପାଇବେ । ସେ କହିଛନ୍ତି, ନାଗରୀକ ସଂଶୋଧନ ଆଇନ୍ ଭାରତର ନାଗରୀକତ୍ୱ ପ୍ରଦାନ କରିବ, କାହାର ନାଗରୀକତ୍ୱ ଛିନ୍ନ କରିବ ନାହିଁ ।

ଆମେରିକା ବୈଦେଶିକ ବିଭାଗର ବିବୃତ୍ତିକୁ ସେ ଅବାଞ୍ଛିତ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଭାରତର ସମ୍ବିଧାନ ଏହାର ନାଗରୀକମାନଙ୍କୁ ଧାର୍ମିକ ସ୍ୱାଧୀନତା ପ୍ରଦାନ କରିଥାଏ । ମୁଖପାତ୍ର କହିଛନ୍ତି, ସଂଖ୍ୟାଲଘୁମାନଙ୍କ ପ୍ରତି କୌଣସି ଅସୁବିଧା ହେବାର କାରଣ ନାହିଁ । ଯେଉଁମାନେ ଅସୁବିଧାରେ ଅଛନ୍ତି ସେମାନଙ୍କ ସୁବିଧା ପାଇଁ କରାଯାଉଥିବା କାର୍ଯ୍ୟକୁ ନେଇ ରାଜନୀତି ହେବା ଉଚିତ୍ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି ।

# କମର୍ସ ଟ୍ରେଡ୍ ଡାଟା

ଗତ ମାସରେ ଭାରତର ରପ୍ତାନୀ ଯଥେଷ୍ଟ ଅଭିବୃଦ୍ଧି ହାସଲ କରିଛି । ଫେବୃୟାରୀ ମାସରେ ରପ୍ତାନୀ ୭ହଜାର ୩୫୫ କୋଟି ଡଲାର୍ ରହିଛି । ଯାହା ଗତ ବର୍ଷ ତୁଳନାରେ ଶତକଡ଼ା ୧୪ ଭାଗ ଅଧିକ । ବାଣିଜ୍ୟିକ ସାମଗ୍ରୀ ରପ୍ତାନୀ ୪ହଜାର ୧୪୦ କୋଟି ଡଲାର୍ ଥିବା ବେଳେ ସେବା ରପ୍ତାନୀ ୩ହଜାର ୨୧୫ କୋଟି ଡଲାର୍ ରହିଛି । ସାମ୍ବାଦିକମାନଙ୍କୁ ଏ ସଂକ୍ରାନ୍ତରେ ସୂଚନା ଦେଇ ବାଣିଜ୍ୟ ସଚିବ ସୁନୀଲ ବର୍ଥୱାଲ୍ କହିଛନ୍ତି, ଆନ୍ତର୍ଜାତିକ ଅସ୍ଥିରତା ମଧ୍ୟରେ ଫେବୃୟାରୀ ମାସରେ ଭାରତର ବୈଦେଶିକ ବାଣିଜ୍ୟ ବିଗତ ୧୧ ମାସ ତୁଳନାରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିଛି । ସେ କହିଛନ୍ତି, ଫେବୃୟାରୀ ମାସ ଅଭିବୃଦ୍ଧି ପୂର୍ବ ବର୍ଷ ଗୁଡ଼ିକର ରେକର୍ଡକୁ ଅତିକ୍ରମ କରିଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ବାଣିଜ୍ୟ କାରବାର ଯଥେଷ୍ଟ ଅଧିକ ରହିବା କଥା ସେ କହିଛନ୍ତି ।

# ଇ ଭେଇକିଲ୍ ପଲିସି

ଦେଶରେ ଇଲେକ୍ଟ୍ରିକ୍ ଯାନ ଗୁଡ଼ିକର ଉତ୍ପାଦନ ବୃଦ୍ଧି ପାଇଁ ସରକାର ଇଲେକ୍ଟ୍ରିକ୍ ଯାନ ନୀତି ପ୍ରଣୟନ କରିଛନ୍ତି । ଏହି ନୀତିରେ ଇଲେକ୍ଟ୍ରିକ୍ ଯାନରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ଲକ୍ଷ୍ୟ ରଖାଯାଇଛି । ଏହା ଭାରତୀୟ ଖାଉଟି ମାନଙ୍କୁ ସର୍ବାଧୁନିକ ବୈଷୟିକଜ୍ଞାନ ଯୋଗାଣ ନିଶ୍ଚିତ କରିବା ସହ ମେଇକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହିତା କରିବ । ଇଲେକ୍ଟ୍ରିକ୍ ଯାନ ନିର୍ମାତାମାନଙ୍କ ମଧ୍ୟରେ ଏକ ଉତ୍ତମ ପ୍ରତିଯୋଗୀତାର ପ୍ରସାର ପାଇଁ ନୀତିରେ ଲକ୍ଷ୍ୟ ରଖାଯାଇଛି । ତାଛଡ଼ା ଅଶୋଧିତ ତୈଳ ଆମଦାନୀ ହ୍ରାସ, ବାଣିଜ୍ୟ ନିଅଣ୍ଟ ହ୍ରାସ ଓ ପ୍ରଦୂଷଣ ହ୍ରାସର ମଧ୍ୟ ଏଥିରେ ଲକ୍ଷ୍ୟ ରଖାଯାଇଛି ।

କମ୍ପାନୀମାନେ ସର୍ବନିମ୍ନ ୪ହଜାର ୧୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବାର ଆବଶ୍ୟକ ରହିଛି । ସର୍ବାଧିକ ପୁଞ୍ଜିନିବେଶ ପାଇଁ କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ । ଉତ୍ପାଦନ କାରଖାନା ସ୍ଥାପନ ପାଇଁ କମ୍ପାନୀ ଗୁଡ଼ିକୁ ତିନି ବର୍ଷ ସମୟ ମିଳିବ ଓ ଏହାପରେ ସେମାନେ ଇଲେକ୍ଟ୍ରିକ୍ ଯାନ ଉତ୍ପାଦନ ଆରମ୍ଭ କରିବେ ।

## ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ଆଜି କେରଳର ପତନମଥିଟା ଠାରେ ଲୋକସଭା ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ସେଥିରେ ୧ ଲକ୍ଷରୁ ଅଧିକ ପାର୍ଟି କର୍ମୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଲୋକସଭା ନିର୍ବାଚନରେ ବିଜେପି କେରଳରୁ ଅନେକ ଆସନରେ ବିଜୟୀ ହେବ । ଶାସକ ଏଲ୍.ଡି.ଏଫ୍. ଓ କଂଗ୍ରେସ ନେତୃତ୍ୱର ୟୁ.ଡି.ଏଫ୍.ର ସମାଲୋଚନା କରି ସେ କହିଛନ୍ତି, ସେମାନଙ୍କ ସରକାରରେ ରାଜ୍ୟର ଲୋକମାନେ ଅନେକ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ସେଠାରୁ ସେ ତେଲଙ୍ଗାନା ଅଭିମୁଖେ ଯାତ୍ରା କରିଥିଲେ ।

## ଏମ୍‌ଇଏ-ହାଇତି

ହାଇତି ଘଟଣାବଳୀ ଦୃଷ୍ଟିରୁ ବୈଦେଶିକ ମନ୍ତ୍ରଣାଳୟ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ କରିଛି । ସେହି କଣ୍ଟ୍ରୋଲ୍ ରୁମ୍ ପରିସ୍ଥିତିର ତଦାରଖ କରି ସହାୟତା ସମ୍ବନ୍ଧୀୟ ସୂଚନା ଦେବ । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ଏ ବିଷୟରେ ସୂଚନା ଦେଇ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ୍

କହିଛନ୍ତି,   ଡୋମିନିକାନ୍ ରିପବ୍ଲିକ୍‌ର ସାଣ୍ଟୋ ଡୋମିଙ୍ଗୋ ଠାରେ ଭାରତୀୟ ଦୂତାବାସ ପକ୍ଷରୁ ଜରୁରୀକାଳୀନ ହେଲ୍ପଲାଇନ୍ ସ୍ଥାପନ କରାଯାଇଛି । ସେ କହିଛନ୍ତି, ହାଇତିରେ ୫୦ରୁ ୮୦ଟି ପର୍ଯ୍ୟନ୍ତ ଭାରତୀୟ ସମ୍ପ୍ରଦାୟର ସଦସ୍ୟ ରହିଛନ୍ତି । ଦୂତାବାସ ପକ୍ଷରୁ ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇଛି ଓ ପରିସ୍ଥିତିର ତଦାରଖ କରାଯାଉଛି । ଆବଶ୍ୟକ ସ୍ଥଳେ ସେମାନଙ୍କୁ ସେଠାରୁ ଅଣାଯିବ । ସେହି କଣ୍ଟ୍ରୋଲ୍ ରୁମ୍ ଯୋଗାଯୋଗ ନମ୍ବର ଗୁଡ଼ିକ ହେଲା – **1800 11 8797** ଓ ଏହା ଏକ ନିଶୁଳ୍କ ନମ୍ବର । ଅନ୍ୟ ନମ୍ବର ଗୁଡ଼ିକ ହେଲା – **011-230 12 113, 011- 230 14 104, 011-230 17 905** ଓ **099 68 29 19 88 ।**

## ମୁମ୍ବାଇ–ପୀୟୂଷ ଗୋୟଲ୍

ବୟନ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ନ୍ୟାସନାଲ୍ ଟେକ୍ସଟାଇଲ୍ କର୍ପୋରେସନ୍ ମିଲ୍ ଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ବକେୟା ବେତନ ପ୍ରଦାନ କରିଛନ୍ତି । କୋବିଡ୍ ସଂକ୍ରମଣ ସମୟରେ ସେହି ଲୋକମାନେ ଅଧା ବେତନରେ କାର୍ଯ୍ୟ କରିଥିଲେ । ଶ୍ରୀ ଗୋୟଲ

କହିଛନ୍ତି, ୨୦୨୧ ଡିସେମ୍ବର ମାସ ପର୍ଯ୍ୟନ୍ତ ସେମାନଙ୍କର ବକେୟା ବେତନ ରହିଥିଲା । ପରବର୍ତ୍ତୀ ୩୦ରୁ ୪୦ ଦିନ ମଧ୍ୟରେ ଅବଶିଷ୍ଟ ଶତକଡ଼ା ୫୦ ଭାଗ ବେତନ ପ୍ରଦାନ କରାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଓ୍ୱାର୍ଲ୍ଡ-କଞ୍ଜୁମର୍ ଡେ

ବିଶ୍ୱ ଖାଉଟି ଦିବସ ଅବସରରେ ଖାଉଟି ବ୍ୟାପାର ମନ୍ତ୍ରୀ ପୀୟୂଷ ଗୋୟଲ୍ ୨୨ଟି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ମୂଲ୍ୟ ତଦାରଖ ଡ୍ୟାସ୍ ବୋର୍ଡ୍‌ର ଶୁଭାରମ୍ଭ କରିଛନ୍ତି । ଏହା ସେହି ସାମଗ୍ରୀ ଗୁଡ଼ିକର ପାଇକାରୀ ଓ ଖୁଚୁରା ମୂଲ୍ୟର ତଦାରଖ କରିବ । ଏଥିପାଇଁ ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୫୫୦ଟି ମୂଲ୍ୟ ତଦାରଖ କେନ୍ଦ୍ର ସ୍ଥାପନ କରାଯାଇଛି । ଶ୍ରୀ ଗୋୟଲ୍ ଦେଶର ପ୍ରଥମ **OIML** ସାର୍ଟିଫିକେଟ୍ ବେସରକାରୀ ଓଜନ ଓ ମାପ ଉତ୍ପାଦନକାରୀମାନଙ୍କୁ ଜାରି କରିଛନ୍ତି । ଏହି ଅଥରାଇଜେସନ୍ ଜାରି କରିବାରେ ଭାରତ ବିଶ୍ୱର ତ୍ରୟୋଦଶ ରାଷ୍ଟ୍ର ହୋଇଛି । ଓଜନ ଓ ମାପ ଯନ୍ତ୍ର ଗୁଡ଼ିକୁ ରପ୍ତାନୀ କରିବା ପାଇଁ ଏହି ଅଥରାଇଜେସନ୍ ନିହାତି ଜରୁରୀ ।

ମନ୍ତ୍ରୀ କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ୱେବ୍‌ସାଇଟ୍‌ର ଶୁଭାରମ୍ଭ କରିଛନ୍ତି । ଏ ସମ୍ବନ୍ଧୀୟ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଖାଉଟି ଅଧିକାର ବିଷୟ ଭାରତରେ ଆରମ୍ଭ ହୋଇଥିଲା । ଆଜିର ଏହିସବୁ ପଦକ୍ଷେପ ଖାଉଟିମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ସହ ସେମାନଙ୍କର ସ୍ୱାର୍ଥରକ୍ଷା କରିବ ।

## ସିନେମାଟୋଗ୍ରାଫ୍ ରୁଲ୍ସ

ସରକାର ସିନେମାଟୋଗ୍ରାଫ୍ ସାର୍ଟିଫିକେସନ୍ ନିୟମ ୨୦୨୪ ଜାରି କରିଛନ୍ତି । ଚଳଚ୍ଚିତ୍ର ସାର୍ଟିଫିକେସନ୍ ପ୍ରକ୍ରିୟାରେ ଏହା ଉନ୍ନତି ଆଣିବ । ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ କହିଛି, ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ସମଗ୍ର ସାର୍ଟିଫିକେସନ୍ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ଏଥିରେ ବ୍ୟବସ୍ଥା କରାଯାଇଛି । ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ବିଶ୍ୱରେ ସର୍ବବୃହତ ଓ ୪୦ଟି ଭାଷାରେ ବାର୍ଷିକ ୩ହଜାର ଚଳଚ୍ଚିତ୍ର ନିର୍ମାଣ କରାଯାଉଛି । ଏହି ନୂଆ ନିୟମ ଗୁଡ଼ିକ ଚଳଚ୍ଚିତ୍ର ସାର୍ଟିଫିକେସନ୍ ପ୍ରକ୍ରିୟାକୁ ଆଧୁନିକୀକରଣ ଓ ସହଜ କରିବ ।

# ଏଥନଲ୍ ୧୦୦

ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି ନୂଆଦିଲ୍ଲୀରେ ଏଥନଲ୍ 100 ବିକଳ୍ପ ଇନ୍ଧନର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି, ଏଥନଲ୍ 100 ଭଳି ସବୁଜ ଇନ୍ଧନ ଗୁଡ଼ିକ ଅର୍ଥନୈତିକ ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏଥିରେ ଶତକଡ଼ା ୯୨ରୁ ୯୪ ଭାଗ ଏଥନଲ୍ ଓ ଶତକଡ଼ା ୪ରୁ ୫ ଭାଗ ମୋଟର ସ୍ପିରିଟ୍‌ର ମିଶ୍ରଣ ଘଟିବ । ଏହାଛଡ଼ା ଏଥିରେ ଶତକଡ଼ା ୧ ଦଶମିକ୍ ୫ ଭାଗ କୋସଲ୍‌ଭେଣ୍ଟ ହାୟର୍ ସାଚ୍ୟୁରେଟେଡ୍ ଆଲ୍‌କୋହଲ୍‌ର ମିଶ୍ରଣ ଘଟିବ । ଏହି ଇନ୍ଧନ ସବୁଠୁ କମ୍ ଅଙ୍ଗାରକାମ୍ଳ ନିର୍ଗମନ କରିବ । ଏଥନଲ୍ 100 ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୂର କରିବାରେ ସହାୟତା କରିବ । ବଡ଼ ବଡ଼ ଦୁଇ ଚକିଆ ଯାନ ନିର୍ମାତାମାନେ ଏଥନଲ୍ 100 ର ବ୍ୟବହାର ପାଇଁ ପରୀକ୍ଷା ଚଳାଇଛନ୍ତି । ପରୀକ୍ଷାମୂଳକ ଭାବେ ଇଣ୍ଡିଆନ୍ ଅଏଲ୍ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଓ ଦିଲ୍ଲୀ ଭଳି ରାଜ୍ୟରେ ୧୮୩ଟି ଏଥନଲ୍ 100 ଖୁଚୁରା ଦୋକାନ ସ୍ଥାପନ କରୁଛି । ପର୍ଯ୍ୟାୟ ଭିତ୍ତିରେ ଏହା ୪୦୦ଟି ଏଭଳି ଦୋକାନ ସ୍ଥାପନ କରିବ ।

# ହରିଆନା-ଇଲେକ୍ସନ୍

ହରିଆନା ମୁଖ୍ୟ ନିର୍ବାଚନ ଅଫିସର୍ ଅନୁରାଗ ଅଗ୍ରୱାଲ୍ କହିଛନ୍ତି, ଲୋକସଭା ନିର୍ବାଚନ ପାଇଁ ହରିଆନାରେ ସମସ୍ତ ପ୍ରସ୍ତୁତି ହୋଇସାରିଛି । ରାଜ୍ୟରେ ମୋଟ୍ ୧ କୋଟି ୯୮ଲକ୍ଷ ୨୩ ହଜାର ୧୬୮ ଜଣ ମତଦାତା ଏଥରକ ନିର୍ବାଚନରେ ମତଦାନ କରିବେ । ଗତ ଜାନୁଆରୀ ୨୨ ତାରିଖରେ ହରିଆନାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିଲା । ନିର୍ବାଚନ ବ୍ୟବସ୍ଥାର ସମୀକ୍ଷା ପାଇଁ ଏକ ବୈଠକରେ ଯୋଗଦେଇ ସେ କହିଛନ୍ତି, ଏହି ଭୋଟର ତାଲିକା ସମସ୍ତ ରାଜନୈତିକ ଦଳ ଗୁଡ଼ିକୁ ଦିଆଯାଇଛି । ସେ କହିଛନ୍ତି, ଭୋଟର ତାଲିକାରେ ଯଦି କୌଣସି ନାମ ନଥିବାର ସେମାନେ ଅନୁଭବ କରିବେ ତେବେ ଏ ବିଷୟରେ ସେମାନେ ଜିଲ୍ଲା ନିର୍ବାଚନ ଅଫିସର୍‌ଙ୍କୁ ଫର୍ମ ୬, ୭ ଓ ୮ ରେ ଜଣାଇ ପାରିବେ । ଶ୍ରୀ ଅଗ୍ରୱାଲ୍ କହିଛନ୍ତି, ୨୦୧୯ରୁ ୨୦୨୪ ମଧ୍ୟରେ ୨୩ଲକ୍ଷ ମତଦାତା ଭୋଟର ତାଲିକାରେ ସାମିଲ ହୋଇଛନ୍ତି ।

# ଟର୍କୀ-ବୋଟ୍ ମିଶାପ୍

ଦେଶାନ୍ତରିତ ଲୋକମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ଟର୍କୀର ଉତ୍ତର-ପଶ୍ଚିମ କାନାକାଲେ ପ୍ରଦେଶ ନିକଟସ୍ଥ ସମୁଦ୍ରରେ ବୁଡ଼ିଯିବାରୁ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି । କାନାକାଲେ ଗଭର୍ଣ୍ଣର ଇଲ୍‌ହାମି ଅକ୍‌ତାସ୍ କହିଛନ୍ତି, ୪ ଜଣ ଲୋକଙ୍କୁ ଉଦ୍ଧାର କରାଯାଇ ସେମାନଙ୍କର ଚିକିତ୍ସା କରାଯାଉଛି । ହେଲିକପ୍ଟର ସହାୟତାରେ ଅନ୍ୟମାନଙ୍କର ଖୋଜାଖୋଜି ଓ ଉଦ୍ଧାର କରାଯାଉଛି । ଗଭର୍ଣ୍ଣର କହିଛନ୍ତି, ଡଙ୍ଗାଟିରେ କେତେଜଣ ଲୋକ ଥିଲେ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ।